## ସଂକ୍ଷେପରେ

### ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

**ରାଇଘର, ୩୦।୧୨(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ସୀମାନ୍ତ ରାଇଘର-ଉମରକୋଟ ୪୦ ନଂ ରାଜ୍ୟ ରାଜପଥର ଲଲପାରା ଭାଟିପରା ଛକ ପାଖରେ ଦୁଇ ବାଇକ ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋବେଇ ଗ୍ରାମର ସିତାରାମ (୩୫)। ଦୁର୍ଘଟଣାରେ ସୀତାରାମଙ୍କ ପାଞ୍ଚ ବର୍ଷର ପୁଅଙ୍କ ସହ ଅନ୍ୟଜଣେ ଗୁରୁତର ଅଛନ୍ତି। ପ୍ରକାଶ ଯେ, ସୀତାରାମ ଏକ ନିର୍ବନ୍ଧ କାମରେ ଯୋଗ ଦେବାକୁ ସପରିବାର ଗାନ୍ଧୀ ନଗର ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବାବେଳେ ସ୍ତ୍ରୀଙ୍କୁ ପ୍ରଥମେ ଏକ ଅଟୋରେ ଗାଁକୁ ପଠାଇ ଦେଇ ଶିଶୁ ପୁତ୍ର ସହ ବାଇକ୍ (ସିଜି-୦୪ଡିଜି-୯୯୨୪)ରେ ଘରକୁ ଫେରୁଥିଲେ। ଏହି ସମୟରେ ଲଲପାରା ଭାଟିପରା ଛକ ପାଖରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ସିଜି୦୫-ଡବ୍ଲ୍ୟୁ-୬୩୧୬)ସହ ତାଙ୍କର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସୀତାରାମଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପାଞ୍ଚ ବର୍ଷର ଶିଶୁପୁତ୍ରର ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ଏହି ଘଟଣାରେ ଅନ୍ୟ ବାଇକ୍ ଆରୋହୀ ମଧ ଗୁରୁତର ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ଥାନାରେ ଭାଜପାର ଏତଲା

**ଝରିଗାଁ, ୩୦।୧୨(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ନିଜର କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରି ବୁଧବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭାଜପା ସ୍ଥାନୀୟ ଥାନାରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଏତଲା ଦେଇଛି। ଥାନାଧିକାରୀ ଉମେଶ କୁମାର ସାହୁ ଏତଲା ଗ୍ରହଣ କରିଥିଲେ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଜୈନ ଖବରଦାତାଙ୍କୁ କହିଛନ୍ତି। ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଝରିଗାଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଏକ ସଭା କରିଥିଲେ। ପିଏମ୍‌ଏୱାଇ ଗୃହରେ ବିଜୁ ପକ୍କାଘର ଷ୍ଟିକର ମରାଯାଉଛି ବୋଲି ଭାଜପା ଅଭିଯୋଗ କରିଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଚନ୍ଦ୍ରଭାନୁ ନାୟକ, ଗଣପତି ସାହୁ, ଫିରୋଜ ଷଡଙ୍ଗୀ, ରଜନୀକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ରାୟଗଡ଼ା ଅଫିସ,୩୦।୧୨:** ରାୟଗଡ଼ାସ୍ଥିତ ନ୍ୟୁ ଟାଉନ୍ ପୂଜା କମିଟି କମ୍ୟୁନିଟି ହଲ୍‌ଠାରେ ଓଡ଼ିଶା ମୋ ପରିବାର ଓ ବିଜେଡିର ମିଳିତ ସହଯୋଗରେ ବୁଧବାର ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ, ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା ପ୍ରମୁଖ ଉପସ୍ଥିତ ଥିଲେ।

### ମୂଳ ନିବାସୀ ଅନୁସୂଚିତ ଜାତି ସଂଘର କର୍ମକର୍ତ୍ତା ଚୟନ

**ଝରିଗାଁ, ୩୦।୧୨(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁରେ ମୂଳ ନିବାସୀ ଅନୁସୂଚିତ ଜାତିର ବ୍ଲକ ସଭାପତି ହରିହର ଦୁର୍ଗାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ଜିଲା ସଭାପତି ଅର୍ଜୁନ ସମରଥ, ଜିଲା ସମ୍ପାଦକ ଡମ୍ବରୁଧର ସୁନା, ବ୍ଲକ ସମ୍ପାଦକ ନିଳାମ୍ବର ପନକା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫୁଫୁଗାଁ ପଞ୍ଚାୟତରର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ତ୍ରିଲୋଚନ ଦୁରିଆ ନିର୍ଦ୍ଦେଶକ, ଚନ୍ଦ୍ରମଣି ହରିଜନ ସଭାପତି, ସମ୍ପାଦକ ଭାବେ ତୁଳାରାମ ହରିଜନଙ୍କୁ ମନୋନୀତ କରାଯାଇଛି। ସହସମ୍ପାଦକଭାବେ ଏମ୍.ରେଡ୍ଡୀ ହରିଜନ, ନବୀନ ହରିଜନ କୋଷାଧକ୍ଷ ଏବଂ ଉପଦେଷ୍ଟା ଭାବେ ଦଳସାଏ ସୁନାଙ୍କୁ ଚୟନ କରାଯାଇଥିଲା। ଅନୁସୂଚିତ ଜାତିର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବ, ସରକାରୀ ଯୋଜନାରେ କିପରି ସେମାନେ ଉପକୃତ ହୋଇ ପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

# ଆମାଜନ୍, ଜିଇଏମ୍‌ରେ ମିଳିବ କପଡ଼ା ଗନ୍ଧା

- ହସ୍ତକଳାର ବିକାଶ ନେଇ ଦିନିକିଆ କର୍ମଶାଳା
- ୪୪ଡଙ୍ଗରିଆ, ୨୨ ଡୋକ୍ରା କାରିଗରଙ୍କୁ ମିଳିଲା କଳାକାର ପରିଚୟ ପତ୍ର
- ପ୍ରାଥମିକ ପର୍ଯ୍ୟାୟରେ ୨୦ ମେଶିନ, ଯନ୍ତ୍ରାଂଶ ପ୍ରଦାନ

**ରାୟଗଡା ଅଫିସ,୩୦।୧୨**

ଏଣିକି ରାୟଗଡ଼ା ଜିଲାର ଡଙ୍ଗରିଆ ମହିଳାମାନେ ମେଶିନ ସାହାଯ୍ୟରେ କପଡ଼ା ଗନ୍ଧା ସିଲେଇବେ। ଏଥିପାଇଁ ରାୟଗଡ଼ା ଜିଲାରେ ବସବାସ କରୁଥିବା ଡଙ୍ଗରିଆଙ୍କୁ ତାଲିମ ଦିଆଯିବା ସହ ପ୍ରସ୍ତୁତ ସାମଗ୍ରୀକୁ ଇ-ମାର୍କେଟରେ ବିକ୍ରିର ବ୍ୟବସ୍ଥା କରାଯିବ। ଆମାଜନ୍ ଏବଂ ଗଭର୍ନମେଣ୍ଟ ଇ-ମାର୍କେଟ(ଜିଇଏମ୍)ରେ ଉପଲବ୍ଧ ହେବ ଏମାନଙ୍କ କପଡ଼ା ଗନ୍ଧା। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ହସ୍ତକଳାର ବିକାଶ ଓ ବଜାରୀକରଣକୁ ନେଇ ବୁଧବାର ସ୍ଥାନୀୟ ତେଜସ୍ୱୀ ହୋଟେଲଠାରେ ଅନୁଷ୍ଠିତ ଦିନିକିଆ କର୍ମଶାଳାରେ ଏ ନେଇ ସୂଚନା ଦିଆଯାଇଛି।

ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିବା ସହ ଡଙ୍ଗରିଆ ଚାଦରର ପ୍ରସ୍ତୁତି ଓ ବଜାରୀକରଣ ଲାଗି ହସ୍ତଶିଳ୍ପ ମନ୍ତ୍ରଣାଳୟର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଜିଲାର ହସ୍ତଶିଳ୍ପ କାରିଗରଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ଲାଗି ସେ ଏଠାରେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଳ୍ପକେନ୍ଦ୍ରର ପରିଚାଳକ ବିକାଶ



ଡଙ୍ଗରିଆ ମହିଳାଙ୍କୁ ଜିଲାପାଳ ସିଲେଇ ମେଶିନ ଓ ଯନ୍ତ୍ରାଂଶ ପ୍ରଦାନ କରୁଛନ୍ତି।

ଚନ୍ଦ୍ର ବାଇନ ଯୋଗଦେଇ କଳାକାରଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହସ୍ତଶିଳ୍ପ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶିକା କୁମାରୀ ଶୈଳଜା କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ବିଭାଗ ଦ୍ୱାରା କଳାକାରଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଯୋଜନା ବିଷୟରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରଥମଥର ପାଇଁ ଖଜୁରି ଓ ଖମ୍ବେସୁ ଗ୍ରାମର ୪୪ ଡଙ୍ଗରିଆ ମହିଳା କାରିଗର ଓ ଗୋଟିଗୁଡ଼ାର ୨୨ ଡୋକ୍ରା କାରିଗରଙ୍କୁ କେନ୍ଦ୍ର ସରକାରଙ୍କ କଳାକାର ପରିଚୟ ପତ୍ର ପଦାନ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ହସ୍ତଶିଳ୍ପ ମନ୍ତ୍ରଣାଳୟର ଉପନିର୍ଦ୍ଦେଶିକା କୁମାରୀ ଶୈଳଜାଙ୍କ ଉଦ୍ୟମରେ ଡଙ୍ଗରିଆ ଚାଦର(କପଡ଼ା ଗନ୍ଧା)କୁ ମେଶିନ ସାହାଯ୍ୟରେ ସିଲେଇ କରିବାକୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ସିଲେଇ ମେଶିନ ଏବଂ ବିଭିନ୍ନ ଯନ୍ତ୍ରାଂଶ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହାଦ୍ୱାରା ଅଧିକ କପଡ଼ା ଗନ୍ଧା ଉତ୍ପାଦନ ଏବଂ ବିକ୍ରିବଟା ସମ୍ଭବ ହୋଇପାରିବ ବୋଲି କୁହାଯାଇଛି। ସେହିପରି ଚାଦର ସହ ଡଙ୍ଗରିଆ ଓ ଡୋକ୍ରା ସାମଗ୍ରୀର ଇ-ବଜାରୀକରଣ ଲାଗି କେନ୍ଦ୍ର ସରକାରଙ୍କ ଗଭର୍ନମେଣ୍ଟ ଇ-ମାର୍କେଟ(ଜିଇଏମ୍)ର ସୁଧାଂଶୁ ପ୍ରଧାନ ଏବଂ ଆମାଜନ୍‌ର ରାଜ୍ୟ ପ୍ରମୁଖ ଦୁର୍ଗାମାଧବ ନାହାକ ଯୋଗଦେଇ ବିକ୍ରି କୌଶଳ ବିଷୟରେ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିକେଡିଏର ଅଧିକାରୀଙ୍କ ସମେତ ପ୍ରେରଣା କ୍ରାଫ୍ଟର ନିର୍ଦ୍ଦେଶକ ହିମାଂଶୁ ଶେଖର ପାଣ୍ଡିଆ ଉପସ୍ଥିତ ଥିଲେ। ସାହିତ୍ୟିକ ଦ୍ୱିତୀଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆଗାମୀ ଦିନରେ ମନ୍ତ୍ରଣାଳୟ ପକ୍ଷରୁ ୪୪ ଡଙ୍ଗରିଆ ମହିଳାଙ୍କୁ ସିଲେଇ ମେଶିନ ସହାୟତାରେ କପଡ଼ା ଗନ୍ଧା ସହ ଅନ୍ୟାନ୍ୟ ସାମଗ୍ରୀ ସିଲେଇ ଲାଗି ୫ମାସର ତାଲିମ ଦିଆଯିବ। ସେହିପରି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଦ୍ୱାରା ଚିହ୍ନଟ ୫ଶହ ଡଙ୍ଗରିଆ ହସ୍ତଶିଳ୍ପ କାରିଗରଙ୍କୁ ପର୍ଯ୍ୟାୟକ୍ରମେ କଳାକାର ପରିଚୟପତ୍ର ଓ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ହସ୍ତଶିଳ୍ପ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶିକା ଶୈଳଜା କହିଛନ୍ତି।

# ମାଣ୍ଡିଆଚାଷ, ବ୍ୟବହାର ବିଷୟରେ ତାଲିମ



ତାଲିମ ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ଚନ୍ଦ୍ରପୁର,୩୦।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ବୁଧବାର ମାଣ୍ଡିଆ ଚାଷ ବିଷୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ୍ବା ପକ୍ଷରୁ ଓଡ଼ିଶା ମିଲେଟ୍ ମିଶନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମାଣ୍ଡିଆଚାଷର ଉଦ୍ଦେଶ୍ୟ, ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ, ବଜାରୀକରଣ, ଉନ୍ନତମାନର ମାଣ୍ଡିଆ ଚାଷ, ଚାଷୀ ପଞ୍ଜୀକରଣ, ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀ ଯେପରି ସୁବିଧାରେ ମାଣ୍ଡିଆ ବିକ୍ରି କରିପାରିବେ ଏବଂ ଉଚିତ ମୂଲ୍ୟ ପାଇପାରିବେ, ସେ ବିଷୟରେ ତାଲିମ ଦିଆଯାଇଥିଲା। ସେହିପରି ନୂତନ ଭାବେ ଚାଷ କରିଥିବା ଚାଷୀଙ୍କୁ ମିଳୁଥିବା ସରକାରୀ ପ୍ରୋତ୍ସାହନ, ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ଏବଂ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ସାମିଲ କରିବା ବିଷୟରେ ଆଲୋଚନା କରାଯାଇଥିଲା। ଏ ନେଇ ଚାଷୀ, ଅଙ୍ଗନୱାଡି କର୍ମୀ ଏବଂ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡାଙ୍ଗସୋରଡ଼ା ସରପଞ୍ଚ ଧନୁ ମାଝି କୁମୁରିକା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ କୃଷି ବିଭାଗର ଅଧିଦର୍ଶକ ରଜନୀ ମିଶ୍ର, ମିଲେଟ ମିଶନର ବ୍ଲକ୍ ସଂଯୋଜକ ଏସ୍. ଦିନେଶ କୁମାର, ଅଙ୍ଗନୱାଡ଼ି ସୁପରଭାଇଜର ସୁଜାତା ମିଶ୍ର, ଏନ୍‌ଜିଓର ସିଇଓ ପ୍ରକାଶ ଦାସ, ଶିକ୍ଷକ ପ୍ରଶାନ୍ତ ପ୍ରଧାନ, ଜୟନ୍ତ ପିପଲି, ନାଏବ ସରପଞ୍ଚ ସୁଲୋଚନା ପାତ୍ର, ମିନୁ ପାତ୍ର, ନକ୍ଷତ୍ରମାଳା ଦଣ୍ଡସେନା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା, ସଭ୍ୟଙ୍କ ସମେତ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଲେଟ ମିଶନର ସଂଯୋଜକ ପରିଚାଳନା କରିଥିଲେ।

# ଦୁର୍ଗମ ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଲେ ମନ୍ତ୍ରୀ

**ରାୟଗଡ଼ା ଅଫିସ,୩୦।୧୨**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ବୁଧବାର ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ଦୁର୍ଗମ ଅଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା

**କଲ୍ୟାଣସିଂହପୁର ବ୍ଲକ୍ ଗସ୍ତ**

ବୁଝିଛନ୍ତି। ୩ କି.ମି. ଚାଲିଚାଲି ମନ୍ତ୍ରୀ ଶିକରପାଇ ପଞ୍ଚାୟତର ଦୁର୍ଗମ ଚକ୍ରକଲାଙ୍ଗ ଗାଁକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ଅଞ୍ଚଳର ରାସ୍ତାଘାଟ, ପାନୀୟଜଳ, ବିଜୁଳି, ଆବାସ ଯୋଜନା, ସାମାଜିକ ସୁରକ୍ଷା ସହାୟତା, ବିପିଏଲ୍ ଚାଉଳ ସମସ୍ୟା ନେଇ ଗ୍ରାମବାସୀ ମନ୍ତ୍ରୀଙ୍କୁ ଜଣାଇଥିଲେ। ଗାଁକୁ ପକ୍କା ରାସ୍ତା ଓ ପାନୀୟଜଳ ବ୍ୟବସ୍ଥା


ମନ୍ତ୍ରୀ ସାରକା ପାହାଡ଼ିଆ ରାସ୍ତାରେ ଚାଲି ଚାଲି ଯାଉଛନ୍ତି।

କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି। ପରେ ମନ୍ତ୍ରୀ ସାରକା ବେତଲାଙ୍ଗ ଗ୍ରାମ ଗସ୍ତକରି ସମସ୍ୟା ବିଷୟରେ ଆଲୋଚନା କରିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହରେ ବିଜୁ ପକ୍କାଘର ଷ୍ଟିକର

### ଭାଜପା ଘେରିଲା ବ୍ଲକ କାର୍ଯ୍ୟାଳୟ

**କୋରାପୁଟ,୩୦।୧୨(ସ୍ୱ.ପ୍ର)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହରେ ବିଜୁ ପକ୍କା ଘର ଷ୍ଟିକର ଲଗାଇ ରାଜ୍ୟ ସରକାର ବାହାବା ନେଉଥିବାରୁ ଏହାକୁ ବିରୋଧ କରି କୋରାପୁଟ ଜିଲା ଭାଜପା ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ଭାଜପା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦେଇଛି। ଜୟରାମ ପାଙ୍ଗିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ପ୍ରତିବାଦ କରିଥିଲେ। ବିଡିଓଙ୍କ ସମ୍ମୁଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଗୁଥିବା ବିଜୁ ପକ୍କା ଘର ଷ୍ଟିକରଗୁଡ଼ିକୁ ଚିରି ନିଆଁ ଲଗାଇ ଦେଇଥିଲେ। ବ୍ଲକ ପ୍ରଶାସନ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଭାଜପା ପରାମର୍ଶ ଦେଇଥିଲା। ନଚେତ୍ ଆଗାମୀ ଦିନରେ ଜିଲାବ୍ୟାପୀ ଆନ୍ଦୋଳନ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ପରେ କର୍ମୀ, କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଟାଉନ ଥାନାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏକ ଏତଲା ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଦେଇଥିଲେ। ପାଙ୍ଗିଙ୍କ ସମେତ ତ୍ରିପୁରାରୀ ଗରଡା, ବିଜୟ କୁମାର ମିଶ୍ର, ଅଶ୍ୱିନି ପଟ୍ଟନାୟକ ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସର ମଶାଲ ଶୋଭାଯାତ୍ରା

**ନୂତନ କୃଷି ଆଇନ ପ୍ରତ୍ୟାହାର ଦାବି**

**ନବରଙ୍ଗପୁର,୩୦।୧୨(ବି.ପ୍ର.)**

ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ନବରଙ୍ଗପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଛି। ନବରଙ୍ଗପୁର ଯୁବ କଂଗ୍ରେସ ସଭାପତି ଅଖିଳ ଭତରାଙ୍କ ଅଧ୍ୟକ୍ଷତା ଓ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଉପସ୍ଥିତିରେ କେନ୍ଦ୍ର ସରକାରଙ୍କ ବିରୋଧୀ ସ୍ଲୋଗାନ ଦେଇ କର୍ମୀମାନେ ସ୍ଥାନୀୟ କଂଗ୍ରେସ ଭବନରୁ ମଶାଲ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ବିଲ୍ ବିରୋଧରେ ରାଜଧାନୀ ଦିଲ୍ଲୀରେ ଚାଷୀ ଆନ୍ଦୋଳନ ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କିଛି ନିର୍ଯାସ ବାହାରି ନାହିଁ। ତେଣୁ ଏହି ବିଲକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଜିଲା ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉତ୍ତମ ତ୍ରିପାଠୀ, ପ୍ରଦୀପ ସାହୁ, ଅବଦୁଲ ଫିରୋଜଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।



ଯୁବ କଂଗ୍ରେସ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

# ଜଗଦଲପୁରରୁ ୮ ଶିଶୁ ଶ୍ରମିକ ଉଦ୍ଧାର

**ନବରଙ୍ଗପୁର,୩୦।୧୨(ବି.ପ୍ର.)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ୮ ଜଣ ନାବାଳିକାଙ୍କୁ ଛତିଶଗଡର ଜଗଦଲପୁରରୁ ଉଦ୍ଧାର କରାଯାଇଛି। ଜଗଦଲପୁରର ଚାଇଲ୍ଡଲାଇନ ସେମାନଙ୍କୁ ଉଦ୍ଧାର କରି ଜିଲା ପ୍ରଶାସନ ସହ ଯୋଗାଯୋଗ କରିଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପିଲାମାନଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେଇଥିଲେ। ପିଲାମାନଙ୍କୁ ଫେରାଇ ଆଣିବାକୁ ନବରଙ୍ଗପୁର ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସାମାଜିକ କର୍ମୀ ସମରେନ୍ଦ୍ର ପରିଡାଙ୍କୁ ଜଗଦଲପୁରକୁ ପଠାଯାଇ ଥିଲା। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ନବରଙ୍ଗପୁର ଆଣାଯିବା ପରେ ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଇଥିଲା। ନାବାଳିକାଙ୍କ ମାଆ ବାପାଙ୍କୁ ଡକାଯାଇ କାଉନ୍‌ସିଲିଂ କରିବା ପରେ ସେମାନଙ୍କୁ ଛଡା ଯାଇଥିଲା। ପିଲାମାନଙ୍କୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଛାଡିବୁ ନାହିଁ ବୋଲି ସେମାନଙ୍କ ମା' ବାପା ଲିଖିତଭାବେ ଦେଇଥିଲେ। ସାବାଳକ ହେବା ପର୍ଯ୍ୟନ୍ତ କୌଣସି କାମରେ ଲଗାଇବେ ନାହିଁ ବୋଲି ଦର୍ଶାଇଥିଲେ। ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଦିବାକର ବାହୁଙ୍କ ସମେତ ସଭ୍ୟମାନଙ୍କ ସହମତି ପରେ ପରିବାରକୁ ପିଲାମାନଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଲକ୍ଷେ ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ

**ଜେକେପୁର/ରାୟଗଡ଼ା ଅଫିସ,୩୦।୧୨**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ବୁଧବାର ଜଣେ ବୃଦ୍ଧଙ୍କ ନିକଟରୁ ଦୁର୍ବୃତ୍ତମାନେ ଲକ୍ଷେ ଟଙ୍କା ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦିନ ପ୍ରାୟ ସାଢ଼େ ୧୨ଟାବେଳେ କୁମୁଟି ପେଣ୍ଠ ପଞ୍ଚାୟତର ବାସୁଗୁଡ଼ା ନିବାସୀ ଘାସି ମେଲେକା ବନ୍ଧା ପଡ଼ିଥିବା ସୁନା ମୁକୁଳାଇବା ପାଇଁ ଟଙ୍କା ନେଇ ଜେକେପୁରସ୍ଥିତ ଏକ ବ୍ୟାଙ୍କକୁ ଯାଇଥିଲେ। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସୁଧ ବାବଦରେ ଆଉ ୧୧ଶହ ଜମା କରିବାକୁ କହିଥିଲେ। ଫଳରେ ବୃଦ୍ଧ ଜଣଙ୍କ ଘରକୁ ଯାଉଥିବା ବେଳେ ତାଙ୍କୁ ପିଛା କରୁଥିବା ଦୁର୍ବୃତ୍ତ ଟଙ୍କା ଝାମ୍ପି ନେଇଥିଲେ। ଏ ନେଇ ଘାସି ଚାନ୍ଦିଲି ଥାନରେ ଅଭିଯୋଗ କରିଛନ୍ତି।

# 'ଫିଟ୍ ରହିବାକୁ ବ୍ୟାୟାମ ଜରୁରୀ'

**ଗୁଣପୁର,୩୦।୧୨(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଅଙ୍ଗୀକାର ୨୦୨୦ ଅଧୀନ 'ଫିଟ୍‌ନେସ୍ କା ଡୋଜ୍, ଆଧା ଘଣ୍ଟା ରୋଜ୍' ଯୋଜନାରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁଣପୁର ଉପଜିଲାପାଳ ସୋନାଲ ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମସ୍ତେ ସୁସ୍ଥ ରହିବା ଜରୁରୀ। ଫିଟ୍ ରହିବାକୁ ହେଲେ ଦୈନିକ ଅଧଘଣ୍ଟା ବ୍ୟାୟାମ କରିବା ଆବଶ୍ୟକ ବୋଲି ଉପଜିଲାପାଳ କହିଥିଲେ। ସମସ୍ତେ ଦୈନିକ ବ୍ୟାୟାମ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



ଗୁଣପୁର ଉପଜିଲାପାଳ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

# ଜମି ମାଫିଆଙ୍କ ଟାର୍ଗେଟ୍‌ରେ ଜଳସେଚିତ ଜମି

- ବେଆଇନ ଭାବେ ଗଢ଼ା ହେଉଛି କୋଠାବାଡ଼ି
- ପ୍ରସ୍ତୁତ ହେଉଛି ମିଥ୍ୟା ଲେ-ଆଉଟ ପ୍ଲାନ
- ପ୍ରଥମେ ତାରବାଡ଼ ବୁଜୁଛନ୍ତି, ପରେ ପ୍ଲଟିଂ କରି ବିକୁଛନ୍ତି

**ଜୟପୁର,୩୦।୧୨( ନି.ପ୍ର. )**

ଜୟପୁର ସହର ଉପକଣ୍ଠ ଓ ଆଖପାଖ ଅଞ୍ଚଳର ଜଳସେଚିତ ଚାଷ ଉପଯୋଗୀ ଜମି ଉପରେ ଜମି ମାଫିଆଙ୍କ ନଜର ପଡିଛି। ଅନେକ ସ୍ଥାନରେ ସେମାନେ ବେଆଇନ ଭାବେ କୋଠାବାଡ଼ି ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଏନେଇ ରହିଥିବା ଆଇନକୁ ଭ୍ରୂକ୍ଷେପ ନ କରି ରାତାରାତି ଜମିର କିସମ ବଦଳାଇ ଦେଉଛନ୍ତି। ଜଳସେଚିତ ଚାଷଜମିକୁ ପ୍ଲଟିଂକରି ବିକ୍ରି କରୁଛନ୍ତି। କେତେଜଣ ରାଜନେତା ଓ ସରକାରୀ କର୍ମଚାରୀଙ୍କ ସଲାସୁତ୍ରରେ ଏଭଳି ବେଆଇନ କାମ ଚାଲିଥିବା ଟାଙ୍କୁଆ ସରପଞ୍ଚ ମଦନ ଗାଦବା ଅଭିଯୋଗ କରିଛନ୍ତି।

ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ଡିମଳା ନିକଟରେ ଜମିବାଡି ବିକ୍ରିବଟା କରୁଥିବା କେହି ଜଣେ ବ୍ୟକ୍ତି ଚାଷଜମିରେ ମାଟି ପକାଇ ପ୍ଲଟିଂ କରିଥିଲେ। ବୁଧବାର ସେହି ସ୍ଥାନରେ ସରପଞ୍ଚ ଏକ ସୂଚନା ଫଳକ ଲଗାଇଛନ୍ତି। ଏହି ସୂଚନା ଫଳକରେ ସେ ଉଲ୍ଲେଖ କରିଛନ୍ତି ଯେ, ଜମି ମାଲିକ ବିନା ଅନୁମତିରେ ଲେ-ଆଉଟ ପ୍ଲାନ୍ କରିଛନ୍ତି। ଏହା ଆଇନ ସମ୍ମତ ନୁହେଁ। ପଞ୍ଚାୟତ ଦ୍ୱାରା ଲେଆଉଟ୍ ପ୍ଲାନ୍ ଅନୁମୋଦନ କରିବା ନିହାତି ଜରୁରୀ ହୋଇଥିବା ବେଳେ ଏହା କରାଯାଇନାହିଁ। ଖିଲାପକାରୀଙ୍କ ବିରୋଧରେ ପଞ୍ଚାୟତ ଦ୍ୱାରା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ



ସରପଞ୍ଚ ଲଗାଇଥିବା ସୂଚନା ଫଳକ।

କରାଯିବ। ଏହାପୂର୍ବରୁ ସରପଞ୍ଚ ଏବଂ ଓଡ଼ିଶା କୃଷକ ସମାଜ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଏଯାଏ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଏହି ମୌଜାର ପ୍ଲଟ୍ ନଂ. ୨୭/୧୯୫/୨୭୮,୨୫/୨୭୭,୨୪/ ୨୭୬ ଏବଂ ୩୧/୨୭୫ର ମୋଟ ୨.୩୫୦ ଏକର ଜମିରେ ବେଆଇନ ଭାବେ ମାଟି ପକାଇ ସମତୁଲ କରାଯାଇ ମିଥ୍ୟା ଲେଆଉଟ ପ୍ଲାନ୍ କରାଯାଇ ବାସୋପଯୋଗୀ କରାଯାଇଥିବା ସରପଞ୍ଚ ଗାଦବା ଅଭିଯୋଗ କରିଛନ୍ତି। କୃଷକ ସମାଜର ଜୟପୁର ଶାଖା ସଭାପତି ବୀରେନ ମୋହନ ପଟ୍ଟନାୟକ ଅଭିଯୋଗ କରି କହିଛନ୍ତି, ଆଇନ ମୁତାବକ ଡିମଳା ମୌଜାର ଜଳସେଚିତ ଜମିର କିସମ ପରିବର୍ତ୍ତନ ହୋଇପାରିବ ନାହିଁ। ଏଥିପାଇଁ କଡ଼ା ଆଇନ ରହିଛି। ମାତ୍ର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଯୋଗୁ ଏପରି ବେଆଇନ କାର୍ଯ୍ୟ ହେଉଛି ବୋଲି ସେ କହିଛନ୍ତି। ଜମିବାଡି କାରବାର କରୁଥିବା ବ୍ୟକ୍ତିଙ୍କ ଯୋଗୁ ଦିନକୁ ଦିନ ଚାଷଜମିର ପରିମାଣ କମିବାରେ ଲାଗିଛି। ଅବିଭକ୍ତ କୋରାପୁଟ ଜିଲା ସିଡ୍ୟୁଲ୍‌ଡ ଅଞ୍ଚଳ ହୋଇଥିବାରୁ ଏଠାରେ କୌଣସି ଗୋଷ୍ଠୀଭିତ୍ତିକ ସାମୂହିକ କାର୍ଯ୍ୟକ୍ରମ କରିବା ପୂର୍ବରୁ ପଞ୍ଚାୟତର ଅନୁମତି ନେବା ବାଧ୍ୟତାମୂଳକ। ଏହାକୁ ମଧ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଓଡ଼ିଶା ଜଳସେଚନ ନିୟମ ୧୯୫୯ ଅନୁଯାୟୀ ଜଳସେଚିତ ଅଞ୍ଚଳର ଜଳଧାରାକୁ କେହି କୌଣସି ପ୍ରକାରେ ରୋକିପାରିବେ ନାହିଁ। ଯଦି କରନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତେ ଆଇନ ଥିବା ସତ୍ତ୍ୱେ ଜୟପୁର ଉପକଣ୍ଠରେ ଥିବା ଟାଙ୍କୁଆ, ଗଡପଦର, ଉମୁରି, ଗାଗନାପୁର ଓ ଏକମ୍ବା ଅଞ୍ଚଳର ଶତାଧିକ ଏକର ଚାଷଜମିକୁ ସେମାନେ ନିଜ କବ୍‌ଜାକୁ ନେଇ ସାରିଲେଣି। ଏଥିପାଇଁ କୃଷକ ସମାଜ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି। କେବଳ ଗ୍ରାମାଞ୍ଚଳରେ ନୁହେଁ, ସ୍ଥାନୀୟ ଏକ ହସ୍ପିଟାଲ ନିକଟ ଦେଇଯାଇଥିବା କେନାଲ କଡ଼ରେ ଥିବା ଏକ ଜଳସେଚିତ ଜମିକୁ ମଧ ସେମାନେ ପ୍ଲଟିଂ କରି ବିକ୍ରି କରୁଛନ୍ତି। ସହରର ରିଅଲ ଇଷ୍ଟେଟ ବ୍ୟବସାୟୀମାନେ ଦଳିତଙ୍କ ଜମିକୁ ଟାର୍ଗେଟ କରୁଛନ୍ତି। ପ୍ରଥମେ ଚାରିପଟେ ତାରବାଡ ବୁଲାଇ ନିଜ କବ୍‌ଜାକୁ ନେଉଛନ୍ତି। କେହି ଅଭିଯୋଗ କଲେ ସେମାନଙ୍କୁ ଧମକ ଚମକ ଦେଉଛନ୍ତି। ଏପରିକି ତାଙ୍କ ପୂର୍ବ ପୁରୁଷଙ୍କଠାରୁ ଜମି କିଣିଥିବା କହୁଛନ୍ତି। ପରେ ଜମିମାଲିକଙ୍କୁ କିଛି ଟଙ୍କା ଦେଇ ଜମିରେ ମାଟି ପକାଇ ପୋତି ଦେଉଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ନିଳାମ୍ବର ମାଝୀଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ଆରଆଇଙ୍କୁ ପଠାଇ ଘଟଣାର ଅନୁଧ୍ୟାନ କରିବି ବୋଲି କହିଥିଲେ।

